**ତାମିଲନାଡୁ ସରକାର ଏବଂ ଅନ୍ୟଜଣେ**

**ବନାମ**

**କେ. ରାଜାରାମ ଆପ୍ପାସାମୀ**

**ଏପ୍ରିଲ 21, 1997**

**[କେ. ରାମସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ପିଛିଲା ଦରମା — ପାଞ୍ଚ ବର୍ଷ ଧରି କାର୍ଯ୍ୟରୁ ଅନଧିକୃତ ଅନୁପସ୍ଥିତି — ସେବାରୁ ବହିଷ୍କାର — ନ୍ୟାୟାଧିକରଣ ବହିଷ୍କାର ଆଦେଶକୁ ରଦ୍ଦ କରିବା ସହ 50% ପିଛିଲା ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ — ଅପିଲ କରିବା ପରେ ନିର୍ଣ୍ଣୟ ନିଆଗଲା ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କୌଣସି ପ୍ରତିବନ୍ଧକ ନଥିଲା ଯାହା କର୍ମଚାରୀଙ୍କୁ ନିଜ କାର୍ଯ୍ୟ ସମ୍ପାଦନ କରିବାରୁ ରୋକିଥିଲା — ତେଣୁ, ଅନୁପସ୍ଥିତି ତାରିଖ ଠାରୁ ପୁନଃନିଯୁକ୍ତି ପର୍ଯ୍ୟନ୍ତ 50% ପିଛିଲା ଦରମା ପ୍ରଦାନ ପାଇଁ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ରୂପେ ଭୁଲ ଥିଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3138-3140/1997 ।

ମାଡ୍ରାସସ୍ଥିତ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଓ.ଏ. ସଂଖ୍ୟା 2354/1993, 2477/1993 ଏବଂ 6373/1993 ରେ ପ୍ରଦତ୍ତ 14.5.96 ର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ ଭି. କ୍ରିଷ୍ଣମୂର୍ତ୍ତି ।

ଉତ୍ତରଦାତାଙ୍କ ପକ୍ଷରୁ ଡକ୍ଟର ଭି. ଗୌରୀଶଙ୍କର ଏବଂ ଏସ୍. ରାଜପ୍ପା ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ଶୁଣିଛୁ ।

ବିଶେଷ ଅନୁମତି ଜରିଆରେ ଦାୟର ଏହି ଅପିଲଗୁଡ଼ିକ ମାଡ୍ରାସସ୍ଥିତ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଓ.ଏ. ସଂଖ୍ୟା 2354/1993, 2477/1993 ଏବଂ

6373/1993 ରେ ପ୍ରଦତ୍ତ 1996 ମସିହା ମେ 14 ତାରିଖର ଆଦେଶରୁ ଉଦ୍ଭବ ହୋଇଛି । ସ୍ୱୀକୃତ ତଥ୍ୟ ଅନୁଯାୟୀ ଉତ୍ତରଦାତା ଜଣେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ । ସେ ଛୁଟିରେ ଯାଇଥିଲେ ଏବଂ ନିଜର ପୋଷ୍ଟିଂ ସମ୍ବନ୍ଧରେ ଜୁନ୍ 27, 1987 ରେ ଏକ ପ୍ରତିବେଦନ କରିଥିଲେ । ସେ ମେ 1, 1982 ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନଥିଲେ । ତାମିଲନାଡୁ ସେବା (ଅନୁଶାସନ ଏବଂ ଅପିଲ) ନିୟମାବଳୀର ନିୟମ 17(b) ଅଧୀନରେ ଉତ୍ତରଦାତାଙ୍କ ବିରୁଦ୍ଧରେ ଏକ ବିଭାଗୀୟ ତଦନ୍ତ ପରିଚାଳିତ ହୋଇଥିଲା । ଉତ୍ତରଦାତା ପାଞ୍ଚ ବର୍ଷ ଧରି ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ଥିବା ଜଣାପଡ଼ିବାରୁ ସକ୍ଷମ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ । ନ୍ୟାୟାଧିକରଣ ଏହାର ଆକ୍ଷେପିତ ଆଦେଶରେ ତାଙ୍କ ଚାକିରିରୁ ବହିଷ୍କାର ଆଦେଶକୁ ରଦ୍ଦ କରିଦେଲେ ଏବଂ ମୂଳ ଆବେଦନ ଦାୟର କରିବା ତାରିଖ ପର୍ଯ୍ୟନ୍ତ 50 ପ୍ରତିଶତ ପିଛିଲା ଦରମା ଏବଂ ମୂଳ ଆବେଦନ ଦାୟର କରିବା ତାରିଖ ଠାରୁ ପୁନଃ ଅବସ୍ଥାପନ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପିଛିଲା ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତା ପିଛିଲା ଦରମା ପାଇବାକୁ ହକଦାର କି ନୁହଁନ୍ତି, କେବଳ ସେହି ପ୍ରଶ୍ନରେ ସୀମିତ ରହି ଏହି ନ୍ୟାୟାଳୟ ସୂଚନା ଜାରି କରିଥିଲେ । ଏହା ସ୍ପଷ୍ଟ ଯେ ଉତ୍ତରଦାତା ପାଞ୍ଚ ବର୍ଷ ଧରି କାର୍ଯ୍ୟରେ ଯୋଗ ଦେବାକୁ ଚାହିଁନଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି କିଛି ନଥିଲା ଯାହା ଉତ୍ତରଦାତାଙ୍କୁ ତାଙ୍କ କାର୍ଯ୍ୟ ସମ୍ପାଦନ କରିବାରୁ ବାରଣ କରିଥିଲା । ଏପରି ପରିସ୍ଥିତିରେ, ତାଙ୍କ ଅନୁପସ୍ଥିତି ତାରିଖ ଠାରୁ ମୂଳ ଆବେଦନ ଦାୟର କରିବା ତାରିଖ ପର୍ଯ୍ୟନ୍ତ 50 ପ୍ରତିଶତ ପିଛିଲା ଦରମା ଏବଂ ତା'ପରେ ତାଙ୍କ ପୁନଃ ଅବସ୍ଥାପନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପିଛିଲା ଦରମା ପ୍ରଦାନ କରିବାକୁ ଅପିଲକାରୀମାନଙ୍କୁ ନ୍ୟାୟାଧିକରଣ ଦେଇଥିବା ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭୁଲ ଅଟେ । ତଦନୁଯାୟୀ, ଅପିଲ୍‌ଗୁଡ଼ିକୁ ମଞ୍ଜୁର କରାଗଲା ଏବଂ ପିଛିଲା ଦରମା ପ୍ରଦାନ କରିବାର ନିର୍ଦ୍ଦେଶକୁ ରଦ୍ଦ କରାଗଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍.                                        ଅପିଲଗୁଡ଼ିକୁ ମଞ୍ଜୁର କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**